# Akashvani, Sambalpur

# SAMBALPURI NEWS EVENING BULLETIN

## 7 April 2026-7.02- 7.12 pm.

---

୧- ଗୁଟେ ଦେଶର୍ ଶକ୍ତି ସେନର୍ ଲୋକ୍‌ମାନ୍‌କର୍ ଜ୍ଞାନ୍, ମୂଲ୍ୟବୋଧ ଆଉ ସାମର୍ଥ୍ୟଥି ଥିସି -କହେଲେ ଉପରାଷ୍ଟ୍ରପତି ।

୨- ରାଏଜେ ଉତ୍ପାଦନ୍‌କେ ବଢ଼ାବାର୍ ଲାଗି ଖଣିଲିଜ୍‌ଧାରୀମାନ୍‌କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

୩- ଆଏବା କାଏଲ୍‌ଠାନୁ ମୁଲ୍ ହେବା ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ।

୪- ଓଡ଼ିଆ ପକ୍ଷ ପାଲନ୍‌ର ଆଝିର୍ ୭ ନମ୍ବର୍ ଦିନେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆୟୋଜିତ୍ ହେଇଛେ ଶିଶୁ କଥା ଦିବସ ।

ଆଉର୍

୫- 'ସ୍ୱାସ୍ଥ୍ୟ ଲାଗି ଏକ୍‌ଜୁଟ୍ ହେମା- ବିଜ୍ଞାନ୍ ସହେତେ ଆଗ୍‌କେ ବଢ଼୍‌ମା' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ।

ଉପରାଷ୍ଟ୍ରପତି -ଇଗ୍ନୋ          ଆର୍ଏନ୍ୟୁ/ କଟକ୍

ଗୁଟେ ଦେଶର୍ ଶକ୍ତି ସେନର୍ ଲୋକ୍ମାନ୍କର୍ ଜ୍ଞାନ୍, ମୂଲ୍ୟବୋଧ ଆଉ ସାମର୍ଥ୍ୟଥି ଥିସି ବଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ । ଦେଶର୍ କୌଶଲ୍ ଇକୋ ସିଷ୍ଟମ୍‌କେ ବର୍‌କସ୍ କର୍‌ବାର୍ କ୍ଷେତ୍ରଥି ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ- ଇଗ୍ନୋ ମୁଖିଆ ଭୂମିକା ନେଉଛେ ବଲି ନୂଆଦିଲ୍ଲୀ ନ ଆଏଜ୍ ଇଗ୍ନୋ ର ୩୯ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଦୀକ୍ଷାନ୍ତ ଭାଷଣ୍ ଦେଇକରି ଉପରାଷ୍ଟ୍ରପତି କହିଛନ୍ । ଏନ୍ତା ଉଦ୍ୟମ୍ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ ପୁରା କର୍‌ବାର୍ ଦିଗେ ସାହାଜ୍ କର୍‌ବା ବଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ । କୋରାପୁଟ୍ ଆଂଚଲିକ୍ କେନ୍ଦ୍ର ନ ବିକ୍ରମ୍ ଦେବ୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଦେବୀପ୍ରସାଦ୍ ମିଶ୍ର ଦୀକ୍ଷାନ୍ତ ଭାଷଣ୍ ଦେଇଛନ୍ । କୋରାପୁଟ୍, ବଲାଙ୍ଗିର୍, କଲାହାଣ୍ଡି ଅଂଚଲ୍ ନ ଉଚ୍ଚଶିକ୍ଷାର୍ ପ୍ରଚାର୍ ପ୍ରସାର୍‌ଥି ଇଗ୍ନୋର ବଡ଼ ଭୂମିକା ରହିଛେ । ୭ ଟା ଜିଲ୍ଲାକେ ନେଇକରି ହେଇଥିବା ଇ ଆଂଚଲିକ୍ କେନ୍ଦ୍ର ସ୍ଥାନୀୟ ଇଲାକାର୍ ସାମାଜିକ୍, ଆର୍ଥିକ୍ ସମସ୍ୟା, ଭୌଗୋଳିକ ଦୂରତା, ପାହାଡ଼ିଆ ଥିତି ଆଉ

ଆଦିବାସୀ ସମ୍ପ୍ରଦାୟର୍ ଶିକ୍ଷାଥି ଦେଖାଦଉଥିବା ଭିନ୍ ଭିନ୍ ବାଧାକେ ଦୂର୍ କର୍‌ବାର୍‌ଥି ସାହାଜ୍ କରୁଛେ ।

ମୁଖ୍ୟମନ୍ତ୍ରୀ- ଶିଳ୍ପପତି ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ଖଣି ଲିଜ୍‌ଧାରୀ ଆଉ ଶିଳ୍ପପତିମାନ୍‌କର୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ରାଏଜେ ବଢୁଥିବା ଶିଳ୍ପାୟନ ଚାହିଦାକେ ପୁରା କର୍‌ବାର୍ ଲାଗି ଲୁହାପଥର୍ ଉତ୍ପାଦନ୍ ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ପରାମର୍ଶ ଦେଇଛନ୍ । ଶିଳ୍ପପତିମାନ୍‌କୁ ସ୍ଥାନୀୟ ଇଲାକାର୍ ଲୁକଙ୍କର୍ ମୌଳିକ ଆବଶ୍ୟକତା ଦିଗେ ସଜାଗ୍ ହେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଖଣିଜ ବ୍ଲକ୍‌ର ତୁର୍‌ତି ନିଲାମ୍ ଲାଗି ୨୦୨୬-୨୭ ବଛର୍‌ର ବାର୍ଷିକ୍ କେଲେଣ୍ଡର୍ ତିଆର୍ କରାଯାଇଛେ । ଶିଳ୍ପ ସଂସ୍ଥାପନ୍ ଲାଗି ବନୀକରଣ୍ ଜମି ବାବ୍‌ଦେ ଡାଟାବେସ୍ ଭିଲ୍ ସଜାଯାଉଛେ ।

ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂଙ୍କର୍ ସହେତେ ପ୍ରଶାସନିକ୍ ଅଧିକାରୀ ଆଉ ଭିନ୍ ଭିନ୍ ଶିଳ୍ପ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ପଂଚାୟତ୍ ବିକାଶ୍ ଆଇ.ଆଣ୍ଡ୍.ପି.ଆର୍

ଶକ୍ତିଶାଳୀ ପଂଚାୟତ୍ -ସ୍ଥାୟୀ ବିକାଶ୍‌ର ଆଧାର୍ ବଲି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ କହିଛନ୍ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ହେଇଥିବା ତୃଣମୂଳ ଶାସନ୍ ଲାଗି ଦକ୍ଷତା ବିକାଶ୍‌ର ପୁନଃ କଳ୍ପନା ଶୀର୍ଷକ କର୍ମଶାଳାଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍, ପଂଚାୟତିରାଜ୍ ପ୍ରତିନିଧି ମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଗୁଟେ ନିରନ୍ତର୍ ଆଉ ଦକ୍ଷତା ଭିତିକ ପ୍ରଶିକ୍ଷଣ୍ ବ୍ୟବସ୍ଥାର୍ ଆବଶ୍ୟକତା ରହିଛେ । ଦେଶେ ଇହାଦେ ପାଲନ୍ କରାଯାଉଥିବା ସାଧନା ସପ୍ତାହର୍ ଅଂଶ ହିସାବେ ଆଏଜ୍ ଆୟୋଜନ୍ କରାଯାଇଥିବା ଇ କାର୍ଯ୍ୟକ୍ରମ୍ କର୍ମଯୋଗୀ ସର୍‌କାରୀ ଅଧିକାରୀମାନ୍‌କର୍ ସହଯୋଗ୍‌ଥି ପଂଚାୟତ୍‌ସ୍ତର୍ ନ

ବ୍ୟାପକ୍ ପରିବର୍ତ୍ତନ୍ ଆସିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍ । ଇ ଅବ୍‌ସରେ ପଂଚାୟତିରାଜ୍ କର୍ମଚାରୀମାନ୍‌କର୍ ଲାଗି ଗୁଟେ କୃତ୍ରିମ ବୁଦ୍ଧିମତା ଆଧାରିତ୍ ବିକଶିତ୍ ପଂଚାୟତ୍ ୱାଟ୍‌ସ୍‌ଆପ୍ ଚାଟ୍‌ବଟ୍ ଆଉ ସ୍ୱତନ୍ତ୍ର ଇ-ଲର୍ଣ୍ଣିଂ ମୋଡ୍ୱେଲ୍ ଉନ୍ମୋଚନ୍ କରାଯାଇଛେ ।

ଏଲ୍‌ପିଜି ଡବଲ ହି.ସ.

ପ୍ରବାସୀ ଶ୍ରମିକ୍‌ମାନ୍‌କୁ ୫ କେଜିଆ ଏଲ୍‌ପିଜି ସିଲିଣ୍ଡର୍ ଆବଂଟନ୍‌କେ ଠିକ୍ ଭାବେ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ତାର୍ ଯୋଗାଣ୍‌କେ ଦୁଇଗୁନା କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଲୟର୍ ସଚିବ ଡକ୍ଟର୍ ନୀରଜ୍ ମିତଲ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ନିକେ ଇ ବାବ୍‌ଦେ ଚିଠି କରିଛନ୍ । ଶ୍ରୀ ମିତଲ୍ କହିଛନ୍, ୫ କେଜିଆ ଏଲ୍‌ପିଜି ସିଲିଣ୍ଡର୍ ରାଜ୍ୟ ସର୍‌କାର୍‌ଙ୍କୁ ଯୁଗେଇ ଦିଆଯିବା । ଆଉ ସେହି ରାଜ୍ୟର୍ ପ୍ରବାସୀ ଶ୍ରମିକ୍‌ମାନ୍‌କୁ ତୈଳ ବିପଣନ

କମ୍ପାନୀମାନ୍‌କର୍ ଜରିଏ ଖାଦ୍ୟ ଯୋଗାଣ ବିଭାଗ୍ ତର୍‌ଫୁ ଇ ସିଲିଣ୍ଡର୍ ଦିଆଯିବା ।

ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଚାଷୀମାନ୍‌କର୍ ଆର୍ଥିକ୍ ଉନ୍ନତି ଆଉ ସାମଗ୍ରିକ୍ ବିକାଶ୍ ଲାଗି ସର୍‌କାର୍ ପ୍ରତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଏଜେ ଧାନ୍ ଘିନା ପ୍ରକ୍ରିୟା ଜାରି ରହିଛେ । ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍‌ତକ୍ ୭୭ ଲାଖ୍ ୩୪ ହଜାର୍‌ନୁ ଅଏତ୍‌କା ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ଇ ବାବ୍‌ଦେ ସର୍‌କାର୍‌ଙ୍କର୍ ତର୍‌ଫୁ ୧୮ ଲାଖ୍ ୮୧ ହଜାର୍‌ନୁ ଅଏତ୍‌କା ଚାଷୀଙ୍କର୍‌ନୁ ଧାନ୍ ଘିନାଯାଇକରି ୨୩ ହଜାର୍ ୩ ଶହ ୧୧ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ । ଧାନ୍‌ଘିନା ପ୍ରକ୍ରିୟା ସମିଆ ଆଏବା ଗୁରୁବାର୍ ଦିନ ଶେଷ୍ ହେଉଛେ ।

ଅମୃତ୍ ଦୁଇ ନମ୍ବର୍ ଖେପ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଅଟଲ ମିଶନ୍ ଫର୍ ରିଜୁଭେନେସନ୍ ଏଣ୍ଡ ଅର୍ବାନ୍ ଟ୍ରାନ୍ସଫର୍ମେସନ୍ -ଅମୃତ୍ ଦୁଇ ନମ୍ବର୍ ଖେପ୍‌ର ସଫଲ୍ କାର୍ଯ୍ୟକାରିତାଥି ଦେଶର୍ ପହେଲା ଠାନେ ରହିଛେ । ସହରାଂଚଲ୍‌ର ଫି’ ପରିବାର୍‌କେ ପିଇବାର୍ ପାଏନ୍ ଜଲାଶୟ ମାନ୍‌କର୍ ପୁନରୁଦ୍ଧାର୍ କ୍ଷେତ୍ର ନ ରାଜ୍ୟର୍ ଇ ପ୍ରଦର୍ଶନ୍ ଗୁଟେ ନୂଆଁ ମାଇଲ୍‌ଖୁଂଟା ଥାପ୍‌ନା କରିଛେ । ଏବ୍‌ତକ୍ ପାଖାପାଖି ୪ ହଜାର୍ ୩୦ କୋଟି ୧୮ ଲାଖ୍ ଟଙ୍କା ଖର୍ଚ୍ଚାଥି ୩ ଶହ ୪୫ ଟା ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ସେ ଭିତ୍‌ରୁ ୯୯ ଟା ପ୍ରକଳ୍ପ ପୁରା ହେଇଥିବାର୍ ବେଲେ ଆଉ ସବୁ ପ୍ରକଳ୍ପର୍ କାମ୍ ଜାରି ରହିଛେ ।

ଇ ସଫଲତା ବାବ୍‌ଦେ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ଫି’ ପରିବାର୍‌କେ ନିରାପଦ ପିଇବାର୍ ପାଏନ୍ ଯୁଗାବାର୍ ଆଉ ସହର୍‌ମାନ୍‌କୁ ସକ୍ଷମ୍ କର୍‌ବାର୍‌ଟା ପ୍ରାଥମିକତା ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ ।

ରତ୍ନଭଣ୍ଡାର୍ ଗନ୍ତି        ପୁରୀ ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କର୍ ଅନୁମୋଦିତ୍ ମାର୍ଗଦର୍ଶିକା ଆଧାର୍ଥି ଗଲାମାସ ୨୫ ତାରିଖ୍ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ଅଲଙ୍କାର୍ ଆଉ ମୂଲ୍ୟବାନ୍ ସାମଗ୍ରୀର୍ ଗନ୍ତି କାମ୍ ମୁଲ୍ ହେଇଥିଲା । ଆଏବା କାଏଲ୍ଠାନୁ ଏପ୍ରିଲ୍ ୧୧ ତାରିଖ୍ତକ୍ ତାର୍ ଉତ୍ରୁ ୧୩ ତାରିଖ୍, ୧୬ ଆଉ ୧୮ ତାରିଖ୍ ଦିନ ଇ କାମ୍ କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍ନା ଦେଇଛନ୍ । ତାର୍ ଉତ୍ରର୍ ଗନ୍ତି ଦିନ୍ ମାନ୍ ଇ ଖେପ୍ ଉତ୍ରୁ ଘୋଷ୍ନା କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ଛତିଶା ନିଯୋଗ୍ ବୈଠକ୍        ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ନ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଛତିଶା ନିଯୋଗ୍ ଆଉ ନୀତି ସବ୍କମିଟିର୍ ଜରୁରୀ ବୈଠକ୍ ଚାଲୁଛେ । ଆଏବା ୨୦

ତାରିଖ୍ ପବିତ୍ର ଅଖିତୃତୀୟା ଅବ୍ସରେ ମାହାପୁରୁମାନ୍କର୍ ଚନ୍ଦନ୍ ଯାତ୍ରା ସହେତେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ରଥନିର୍ମାଣ କାମ୍ର ଶୁଭାରମ୍ଭ ହେବା । ସେହିଦିନୁ ଚନ୍ଦନ୍ ଯାତ୍ରା ଭିଲ୍ ହେବାର୍କେ ଥିବାର୍ ବେଲେ ବୈଠକ୍ଥି ଯାତ୍ରାର୍ ନୀତି ନିର୍ଘଂଟ ଚୂଡ଼ାନ୍ତ ହେବା । ଇତାର୍ସହେତେ ଆଏବା କାଏଲ୍ ୨ ନମ୍ବର୍ ଖେପ୍ ରତ୍ନଅଲଙ୍କାର୍ର ଗନ୍ତି କାମ୍ କରାଯିବା । ସେ ବାବ୍ଦେ ଭିଲ୍ ବୈଠକ୍ଥି ଖାସ୍ ଆଲୋଚନା କରାଯିବା । ବୈଠକ୍ଥି ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍, ଶ୍ରୀମନ୍ଦିର୍ ପ୍ରଶାସନ୍ର ଅଧିକାରୀମାନ୍କର୍ ମାନ୍କର୍ ସହେତେ ଭିନ୍ ଭିନ୍ ନିଯୋଗ୍ର ସେବାୟତ୍ ଆଉ ପ୍ରତିନିଧିମାନେ ଉପସ୍ଥିତ୍ ଅଛନ୍ ।

ଓଡ଼ିଆ ପକ୍ଷ-ଶିଶୁକଥା ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ ପାଲନ୍ର ୭ ନମ୍ବର୍ ଦିନେ ଆଏଜ୍ ଶିଶୁକଥା ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍ସରେ ରାଜ୍ୟର୍ ବିଦ୍ୟାଳୟ ମାନ୍କେ ବର୍ଣ୍ଣବୋଧ, ଶିଶୁଲେଖା ବହି ଆଉ ଭାଗ୍ବତ୍ ବହି

ଦିଆୟାଇଛେ । ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି କାର୍ଯ୍ୟକ୍ରମ୍ ମାନ୍ କରାୟାଇଛେ । ଓଡ଼ିଆ ଭାଷା ଆଉ ସାହିତ୍ୟର୍ ପ୍ରଚାର୍ ପ୍ରସାର୍ ସହେତେ ଓଡ଼ିଆ ସଂସ୍କୃତି, ପରମ୍ପରା ଆଉ ଭିନ୍ ଭିନ୍ ଲୋକଗାଥା ବାବ୍‌ଦେ ସାଧାରଣ୍ ଲୁକ୍‌କୁ ଜନାବାର୍ ଉଦ୍ଦେଶ୍ୟଥି ଇ ଓଡ଼ିଆ ପକ୍ଷ ପାଲନ୍‌ର ଗୁରୁତ୍ୱ ରହିଛେ । ଛୁଆମାନ୍‌କର୍ ଭିତ୍‌ରେ ସୃଜନଶୀଳତା ଆଉ ମାତୃଭାଷା ଲାଗି ଆଗ୍ରହ ବଢ଼ାବାର୍ ଶିଶୁକଥା ଦିବସ୍‌ର ମୂଳ ଲକ୍ଷ୍ୟ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଓଡ଼ିଆ ଭାଷା, ସଂସ୍କୃତିକେ କଥାନୀ ଜରିଏ ଆଏବା ପିଢ଼ି ନ ପୁହୁଁଚାବାର୍ ଉଦ୍ଦେଶ୍ୟଥି ଇ ଦିବସ୍ ପାଲନ୍ କରାୟାଉଛେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତରଫୁ ଆଏଜ୍ ଭିନ୍ ଭିନ୍ ସ୍କୁଲ୍ ନ ବର୍ଣ୍ଣବୋଧ ବହି ବଂଟାୟାଇଛେ । ମୁର୍ଷୁଣ୍ଡି ଗାଁ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ୟୋଗ୍ ଦେଇକରି ଓଡ଼ିଆ ଭାଷାର୍ ଐତିହ୍ୟକେ ସଂରକ୍ଷଣ୍ କର୍‌ବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଭାଷାଗତ ଶିକ୍ଷା ଆଉ ବିକାଶ୍ ଦିଗେ ବର୍ଣ୍ଣବୋଧ ସାହାଜ୍ କର୍‌ବା ବଲି ସେ ମତ ଦେଇଛନ୍ ।

ସମ୍ବଲପୁର ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ 'ବର୍ଣ୍ଣବୋଧ ବଂଟନ୍ ଆଉ ବର୍ଣ୍ଣବୋଧ ଉତ୍ସବ' ହେଇଯାଇଛେ । ଇ ଅବ୍ସରେ ଭିନ୍ ଭିନ୍ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍କୁ ବର୍ଣ୍ଣବୋଧ ବଂଟନ୍ କରାଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲା ପୌର ପରିଷଦ୍ ତର୍ଫୁ ବାଳକ ପ୍ରାଥମିକ ବିଦ୍ୟାଳୟ ନ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଛାତ୍ରଛାତ୍ରୀମାନ୍କୁ ବର୍ଣ୍ଣବୋଧ ବହି ବାଂଟିଛନ୍ ।

ବିଶ୍ୱସ୍ୱାସ୍ଥ୍ୟ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଜନସ୍ୱାସ୍ଥ୍ୟ ଲାଗି ସଭେ ମିଶିକରି ଚେରେଷ୍ଟା କର୍ବାର୍ ସହେତେ ଇ ଦିଗେ ଲୁକ୍କୁ ସଚେତନ୍ କର୍ବାର୍ ଆଉ ସ୍ୱାସ୍ଥ୍ୟ ବ୍ୟବସ୍ଥାକେ ଆହୁରି ବର୍କସ୍ କର୍ବାର୍ ଲାଗି ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । 'ସ୍ୱାସ୍ଥ୍ୟ ଲାଗି ଏକ୍ଜୁଟ୍ ହେମା, ବିଜ୍ଞାନ୍ ସାଙ୍ଗେ ଆଗ୍କେ ବଢ଼୍ମା' ବଲି ଆଝିର୍ ଦିବସ୍ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ । ନବଜାତ ଶିଶୁ ଆଉ ପ୍ରସୂତି ମହିଳାମାନ୍କର୍ ମୃତ୍ୟୁ ରୁକ୍ବାର୍ ସହେତେ ସେମାନ୍କର୍ ସ୍ୱାସ୍ଥ୍ୟ

ସୁରକ୍ଷା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୯୫୦ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି ବଛ୍‌ରେ ଗୁଟେ ଖାସ୍ ବାର୍ତା ଉପ୍‌ରେ ଜୋର୍ ଦିଆଯାଇକରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଉଛେ ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ଅବ୍‌ସରେ ବୁର୍ଲା ଭିମସାର ସାମାଜିକ ପ୍ରତିଷେଧକ୍ ବିଭାଗ୍ ମୁଖ୍ୟ ପ୍ରଫେସର ଡକ୍ଟର୍ ସ୍ମିତା କୁମାରୀ ପଣ୍ଡା କହିଛନ୍-

(ଭଏସ୍ ଓଭର୍- ସ୍ମିତା କୁମାରୀ ପଣ୍ଡା)

ଇ ଅବ୍‌ସରେ ସର୍‌କାରୀ, ବେସର୍‌କାରୀ ଆର୍ ସ୍ୱେଚ୍ଛାସେବୀ ସଂଗଠନ୍ ମାନ୍‌କର୍ ତର୍‌ଫୁ ଭିନ୍ ଭିନ୍ ସ୍ୱାସ୍ଥ୍ୟ ସଚେତନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ରଗ୍‌ବୀ ଚମ୍ପିଆନ୍‌ସିପ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚମ୍ପିଆନ୍‌ସିପ୍ ର ୧୭ ବଛର୍‌ନୁ କମ୍ ବାଳିକା ବର୍ଗଥି ଓଡ଼ିଶା ଦଲ୍ ଚାମ୍ପିଆନ୍ ହେଇଛେ । ବିହାର୍

ଦଲ୍ ୨ ନମ୍ବର୍ ଠାନେ ରହିଥିବାର୍ ବେଲେ ମହାରାଷ୍ଟ୍ର ଆଉ ଦିଲ୍ଲୀ ୩ ଆଉ ୪ ନମ୍ବର୍ ଠାନେ ରହିଛେ । ସେନ୍ତା ୧୭ ବଛର୍‌ନୁ କମ୍ ବାଳକ ବର୍ଗ୍‌ଥି ବିହାର୍ ଦଲ୍ ଚମ୍ପିଆନ୍ ହେଇଛେ ।  ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୯ ଆଉ ୧୦ ତାରିଖ୍ ଦିନ ୧୪ ବଛର୍‌ନୁ କମ୍ ବାଳକ ଆଉ ବଳିକା ବର୍ଗର୍ ପ୍ରତିଯୋଗିତା ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଆଏବା ୪ ଦିନ୍‌ତକ୍ କାଲ୍‌ବୈଶାଖୀ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସବୁ ଜିଲ୍ଲା ନ ଧୁକାଗର୍ଡ଼ି ଆଉ ବର୍ଷାକେ ନେଇକରି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।